# ନବୀନବାବୁଙ୍କ ସରକାର କେତେ ସ୍ୱଚ୍ଛ?

୧୫/୦୭/୨୦୦୯

ନବୀନବାବୁ ଗତ ନଅବର୍ଷର ଶାସନକାଳ ମଧ୍ୟରେ ଯେଉଁ କେତୋଟି କୌଶଳ ଅବଲମ୍ବନ କରିଛନ୍ତି ସେଥିରୁ ଗୋଟିଏ ହେଲା, ତାଙ୍କ ସରକାର ସ୍ୱଚ୍ଛ ଓ ଦୁର୍ନୀତିମୁକ୍ତ ବୋଲି ଲୋକମାନଙ୍କ ମନରେ ଧାରଣା ସୃଷ୍ଟି କରିବା। ଏଭଳି ଏକ ଧାରଣା ସୃଷ୍ଟି କରିବାରେ ସେ ଅନେକାଂଶରେ ସଫଳ ମଧ୍ୟ ହୋଇଛନ୍ତି। ତେବେ ନବୀନବାବୁଙ୍କ ସରକାର ଯେ ସ୍ୱଚ୍ଛ ନୁହେଁ ଏବଂ ଆଦୌ ଦୁର୍ନୀତିମୁକ୍ତ ନୁହେଁ, ଏକଥା ଯେ କେହି ଟିକିଏ ତଳେଇ ଦେଖିଲେ ଜାଣିପାରିବ। ହଜାର ହଜାର କୋଟି ଟଙ୍କାର ଖଣି ଦୁର୍ନୀତି କଥା ଆଲୋଚିତ ହେଉଥିବା ବେଳେ ଛୋଟ ଦୁର୍ନୀତିଗୁଡ଼ିକ ବ୍ୟାପକ ହେଲେ ମଧ୍ୟ ସାଧାରଣରେ ଆଲୋଚିତ ହେଉନାହିଁ। ସରକାରୀ କଳର ଦୁର୍ନୀତି ଏକରକମ ଦେହସୁହା ହୋଇଗଲାଣି ବୋଲି କହିଲେ ଚଳେ। ସରକାରୀ ବ୍ୟବସ୍ଥାର କୌଣସି ସ୍ତରରେ ବିନା ପଇସାରେ କୌଣସି କାମ ହେଉନାହିଁ, ଏକଥା ସମସ୍ତେ ଅଙ୍ଗେ ନିଭାଉଛନ୍ତି। ନବୀନବାବୁ ନିଜ ସରକାରକୁ ସ୍ୱଚ୍ଛ ଓ ଦୁର୍ନୀତିମୁକ୍ତ ବୋଲି କହିବା ପୂର୍ବରୁ ଗୋଟିଏ ମୌଳିକ ପ୍ରଶ୍ନର ଉତ୍ତର ଦେବା ଦରକାର। ନବୀନବାବୁଙ୍କ ସରକାର କହିଲେ କାହାକୁ ବୁଝାଏ? ଆମ ବିଚାରରେ ତାହା ତାଙ୍କୁ, ତାଙ୍କ ମନ୍ତ୍ରିମଣ୍ଡଳର ସଦସ୍ୟମାନଙ୍କୁ, ତାଙ୍କୁ ପରାମର୍ଶ ଦେଉଥିବା ଅମଲାତନ୍ତ୍ରର ବରିଷ୍ଠ ଅଧିକାରୀମାନଙ୍କୁ ଏବଂ ତା'ତଳକୁ ସରକାରୀ କାର୍ଯ୍ୟକ୍ରମକୁ ସାଧାରଣ ଲୋକଙ୍କ ପାଖରେ ପହଞ୍ଚାଉଥିବା ଲକ୍ଷାଧିକ ସରକାରୀ କର୍ମଚାରୀଙ୍କୁ ହିଁ ବୁଝାଏ। ଏମାନଙ୍କ ମଧ୍ୟରୁ କେହି ବି ଦୁର୍ନୀତିମୁକ୍ତ ନୁହନ୍ତି।

ଆଜି ଗୋଟିଏ ବିଭାଗର ଗୋଟିଏ ଛୋଟିଆ ନିଷ୍ପତ୍ତି ସମ୍ପର୍କରେ ଆଲୋଚନା କଲେ ଏହା ସ୍ପଷ୍ଟ ହୋଇଯିବ। ଆମେ ସମସ୍ତେ ଜାଣୁ, ଓଡ଼ିଶାର ଶତକଡ଼ା ୭୦ ଭାଗ ଲୋକ କୃଷି ଉପରେ ନିର୍ଭର କରନ୍ତି। କୃଷିଜାତ ଦ୍ରବ୍ୟର ବିକ୍ରିବଟା

## ଆମ ଘରର ହାଲଚାଲ

**ସୌମ୍ୟରଂଜନ ପଟ୍ଟନାୟକ**

ପାଇଁ ଉପଯୁକ୍ତ ଭିତ୍ତିଭୂମି ଯୋଗାଇ ଦେବା ନିମନ୍ତେ ସରକାର ସବୁବେଳେ ଚେଷ୍ଟା କରୁଛନ୍ତି ବୋଲି କହୁଛନ୍ତି। ଏଥି ନିମନ୍ତେ ଉଭୟ କୃଷି ଓ ସମବାୟ ବିଭାଗର ସହଯୋଗରେ କୃଷିଜାତ ଦ୍ରବ୍ୟର ବିକ୍ରୟ ପାଇଁ ଏଗ୍ରିକଲଚରାଲ ମାର୍କେଟିଂ ବୋର୍ଡ ଗଢ଼ା ଯାଇଛି। ଏହି ବୋର୍ଡ ଅଧୀନରେ ସାରା ଓଡ଼ିଶାରେ ରେଗୁଲେଟେଡ୍ ମାର୍କେଟିଂ କମିଟି ଗଠନ କରାଯାଇଛି। ସାଧାରଣରେ ଏହାକୁ ଆମେ ଆରଏମ୍‌ସି ବୋଲି ଜାଣୁ। ଏହି ମାର୍କେଟିଂ କମିଟି ଗୁଡ଼ିକର କାର୍ଯ୍ୟନିର୍ବାହୀ ଅଧିକାରୀ ଭାବରେ ସରକାର ଜଣେ ଜଣେ ସେକ୍ରେଟାରି ନିଯୁକ୍ତ କରିଥାନ୍ତି। ମୂଳ ସମବାୟ ବିଭାଗର ଇନ୍‌ସପେକ୍ଟର ପଦବିରେ କାର୍ଯ୍ୟ କରୁଥିବା ଅଧିକାରୀମାନଙ୍କୁ ଡେପୁଟେସନ୍‌ରେ ଆଣି ଆରଏମ୍‌ସିର ସେକ୍ରେଟାରି ଭାବରେ ନିଯୁକ୍ତି ଦିଆଯାଇଥାଏ। ଗୋଟିଏ ବିଭାଗର କର୍ମଚାରୀ ଅନ୍ୟ ଏକ ସଂସ୍ଥାକୁ ଡେପୁଟେସନ୍‌ରେ ଯିବାର ନୀତି ନିୟମ ସରକାର ବହୁ ଦିନରୁ ସ୍ଥିର କରିଛନ୍ତି। ଜଣେ କର୍ମଚାରୀ ଅନ୍ୟ ଏକ ସଂସ୍ଥାକୁ ଡେପୁଟେସନ୍‌ରେ ଗଲେ ପ୍ରଥମେ ପାଞ୍ଚବର୍ଷ, ପୁଣି ଆଉ ଦୁଇବର୍ଷ ଏବଂ ପରେ ଅତି ଜରୁରୀ ହେଲେ ବିଶେଷ ଅନୁମତି ସହ ଆଉ ତିନିବର୍ଷ- ଏହିପରି ସର୍ବାଧିକ ଦଶବର୍ଷ ପାଇଁ ଯାଇପାରିବ। କସ୍ମିନକାଳେ କୌଣସି କର୍ମଚାରୀ ଦଶବର୍ଷରୁ ଅଧିକ ସମୟ ପାଇଁ ଗୋଟିଏ ବିଭାଗରୁ ଅନ୍ୟ ସଂସ୍ଥାକୁ ଡେପୁଟେସନ୍‌ରେ ଯାଇ ପାରିବ ନାହିଁ। ଦେଖାଗଲା, ସମବାୟ ବିଭାଗର କୋଅପରେଟିଭ୍ ଇନ୍‌ସପେକ୍ଟରମାନେ ଆରଏମ୍‌ସିକୁ ଡେପୁଟେସନ୍‌ରେ ଯାଇ ବର୍ଷ ବର୍ଷ ଧରି କାର୍ଯ୍ୟ କରୁଛନ୍ତି। ତତ୍କାଳୀନ ସମବାୟ ସଚିବ ଏପରି ଏକ ନିୟମ ବହିର୍ଭୂତ କଥା ଦେଖି ଦଶବର୍ଷରୁ ଊର୍ଦ୍ଧ୍ୱକାଳ ଡେପୁଟେସନ୍‌ରେ କାର୍ଯ୍ୟ କରୁଥିବା ସେକ୍ରେଟାରିମାନଙ୍କୁ ତାଙ୍କ ବିଭାଗକୁ ଫେରାଇ ନେଲେ ଏବଂ ସେମାନଙ୍କୁ ତାଙ୍କ ବିଭାଗରେ ନୂଆ ଦାୟିତ୍ୱ ଦେବା ପାଇଁ ସମବାୟ ନିବନ୍ଧକଙ୍କୁ ୧୯ ଜୁନ୍ ୨୦୦୯ରେ ନିର୍ଦ୍ଦେଶ ଦେଲେ। ସମବାୟ ନିବନ୍ଧକ ମଧ୍ୟ ୨୬ ଜୁନ୍ ୨୦୦୯ରେ ସେମାନଙ୍କୁ ବିଭାଗରେ ନୂଆ ଦାୟିତ୍ୱ ଦେଲେ। ଏହାପରେ କ'ଣ ହେଲା ଲକ୍ଷ୍ୟ କରିବାର କଥା। ହଠାତ୍ ୩ ଜୁଲାଇ ୨୦୦୯ରେ ସମବାୟ ସଚିବଙ୍କର ରାତି ଅଧିଆ ବଦଳି ହେଲା। ୪ ଜୁଲାଇ ୨୦୦୯ରେ ମାନ୍ୟବର ସମବାୟ ମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଦଶବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଡେପୁଟେସନ୍‌ରେ ଯାଇଥିବା ଆର୍‌ଏମ୍‌ସି ସେକ୍ରେଟାରି ମାନଙ୍କର ବଦଳିକୁ ସଗିତ ରଖାଗଲା।

ଏହି ଘଟଣାଟି ଏପରି ଏକ ଅଗ୍ରଲେଖର ଯୋଗ୍ୟ ବିଷୟବସ୍ତୁ ନୁହେଁ ବୋଲି ଅନେକେ ମନେ କରିପାରନ୍ତି। କିନ୍ତୁ ଟିକିଏ ତଳେଇ କରି ଦେଖିଲେ ଅନେକ ରହସ୍ୟ ଉଦ୍‌ଘାଟିତ ହେବ। ନବୀନ ସରକାରର ପ୍ରକୃତ ଚରିତ୍ର ପଦାରେ ପଡ଼ିବ। ଏ ଘଟଣାକ୍ରମର ଚରିତ୍ରମାନେ ମଧ୍ୟ କିଏ ଜାଣିଲେ କଥାଟି ଅଧିକ ପରିଷ୍କାର ହୋଇଯିବ। ସମବାୟ ସଚିବ ହେଲେ ତାରା ଦତ୍ତ। ବରିଷ୍ଠ ଆଇଏଏସ୍ ଅଧିକାରୀ ଓ ସଚ୍ଚୋଟ ବୋଲି ତାଙ୍କର ସୁନାମ ଅଛି। ସାଧାରଣତଃ ମନ୍ତ୍ରୀମାନଙ୍କର ଅଯଥା ରାଜନୈତିକ ହସ୍ତକ୍ଷେପ ଓ ଅନ୍ୟାୟ ଅନୀତିକୁ ସେ ବରଦାସ୍ତ କରନ୍ତି ନାହିଁ। ଯେଉଁ ବିଭାଗମାନଙ୍କର ଦାୟିତ୍ୱ ତାଙ୍କୁ ମିଳିଛି ସେଗୁଡ଼ିକରେ ସଂସ୍କାର ଆଣି ଗୁଣାତ୍ମକ ପରିବର୍ତ୍ତନର ଛାପ ସେ ଛାଡ଼ି ଯାଇଛନ୍ତି। ସମବାୟ ମନ୍ତ୍ରୀ ହେଲେ ଡାକ୍ତର ଦାମୋଦର ରାଉତ। ନବୀନବାବୁଙ୍କ ଦଳର ସେକ୍ରେଟାରି ଜେନେରାଲ୍। ତାଙ୍କ ସମ୍ପର୍କରେ ଅଧିକ ବକ୍ତବ୍ୟ ନିଷ୍ପ୍ରୟୋଜନ। କିନ୍ତୁ କାହାକୁ ବ୍ୟକ୍ତିଗତ ଭାବେ ଆକ୍ଷେପ କରିବା ଆମର ଉଦ୍ଦେଶ୍ୟ ନୁହେଁ।

ଓଡ଼ିଶାର କୃଷିଜାତ ଦ୍ରବ୍ୟର ବଜାର କିଛି କମ୍ ନୁହେଁ। ଏହି ବଜାରକୁ ବ୍ୟବସ୍ଥିତ କରିବା ପାଇଁ ଆରଏମ୍‌ସିର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସବୁ ଅଞ୍ଚଳରେ ଉପଯୁକ୍ତ ଭିତ୍ତିଭୂମି ନିର୍ମାଣ କରି ଚାଷୀ ଭାଇଙ୍କୁ ଉଚିତ୍ ମୂଲ୍ୟ ପ୍ରଦାନ କରିବା ଏହାର ପ୍ରଧାନ ଦାୟିତ୍ୱ। ଏହାର ପ୍ରତିବଦଳରେ ଆରଏମ୍‌ସି ୧ ରୁ ୨ ପ୍ରତିଶତ ହାରରେ ଶୁଳ୍କ ପାଇଥାଏ। ଆମ ହିସାବରେ ଏହାର ସମ୍ଭାବ୍ୟ ପରିମାଣ ୪୦୦ କୋଟି ଟଙ୍କାରୁ ଅଧିକ ହେବ। କିନ୍ତୁ ଗତବର୍ଷ ମାତ୍ର ୫୨ କୋଟି ଟଙ୍କା ଆର୍‌ଏମ୍‌ସିମାନେ ଆଦାୟ କରିଥିଲେ। ତାରା ଦତ୍ତ ସଚିବ ହେବା ପରେ କେତୋଟି ମୌଳିକ ପରିବର୍ତ୍ତନ ଆଣି ଏ ଆଦାୟ ରାଶିକୁ ବଢ଼ାଇବା ପାଇଁ ଚେଷ୍ଟା କରିଥିଲେ। ବର୍ଷ ବର୍ଷ ଧରି ଗୋଟିଏ ସ୍ଥାନରେ ରହି ଆସିଥିବା ସେକ୍ରେଟାରିମାନଙ୍କ ବଦଳି ତାଙ୍କର ଅନ୍ୟତମ ପଦକ୍ଷେପ ଥିଲା। ସେ ଦାୟିତ୍ୱ ନେବାର ଛଅମାସ ମଧ୍ୟରେ ଆଦାୟ ରାଶି ୫୨ କୋଟିରୁ ବଢ଼ି ୮୧ କୋଟିକୁ ଯାଇଥିଲା। ଆଶା କରାଯାଉଥିଲା ବର୍ଷ ଶେଷ ବେଳକୁ ଏହା ୧୦୦ କୋଟିକୁ ଟପିଯିବ। ମାତ୍ର ହଠାତ୍ ତାଙ୍କର ବଦଳି ହେଲା ଏବଂ ସେକ୍ରେଟାରି ମାନଙ୍କର ବଦଳି ସଗିତ ହେଲା। ତାରା ଦତ୍ତଙ୍କର ବଦଳି ନିୟମ ବହିର୍ଭୂତ ନୁହେଁ। କିନ୍ତୁ ସେକ୍ରେଟାରିମାନଙ୍କ ବଦଳି ଶତକଡ଼ା ୧୦୦ ସରକାରୀ ନୀତି ନିୟମର ଉଲ୍ଲଂଘନ କରୁଛି। ଏଭଳି ନିଷ୍ପତ୍ତି କିଏ ନେଲା ଓ କାହିଁକି ନେଲା? ୪୦୦ କୋଟିରୁ ଊର୍ଦ୍ଧ୍ୱ ଟିକସ ଆଦାୟର ସମ୍ଭାବନା ଥିବା ବ୍ୟବସ୍ଥାରେ ୫୨ କୋଟି କାହିଁକି ଆଦାୟ ହେଉଥିଲା? ତାରା ଦତ୍ତ ଏପରି କ'ଣ କୌଶଳ କଲେ ଯେ ମାସ କେଇଟାରେ ତାହା ଦିଁଗୁଣ ହେବାକୁ ବସିଲା? ଏହାଦ୍ୱାରା କାହାର ସ୍ୱାର୍ଥହାନି ହେଉଥିଲା? ଏତେ ପଇସା କେଉଁଆଡ଼େ ଯାଉଥିଲା? ଏସବୁ ପ୍ରଶ୍ନର ଉତ୍ତର କ'ଣ ନବୀନବାବୁ ଦେବା ଉଚିତ ନୁହେଁ କି? ବିଧାନସଭା ଚାଲିଛି। ମାନ୍ୟବର ବିଧାୟକମାନେ ଏ ପ୍ରଶ୍ନ ହୁଏତ ପଚାରିବେ ନାହିଁ। ପଚାରିଲେ ବି ମାନ୍ୟବର ମନ୍ତ୍ରୀ ଉତ୍ତର ଦେବେ ନାହିଁ। ନବୀନବାବୁ ତ ସହଜେ ଓଡ଼ିଆ ଲେଖିପଢ଼ି ଜାଣନ୍ତି ନାହିଁ। ଆମେ ଆଶା କରୁଛୁ ତାଙ୍କର ଓଡ଼ିଆ ଭାଷଣ ଲେଖି ଦେଉଥିବା ସଚିବମାନେ ତାଙ୍କୁ ଆମ ପ୍ରଶ୍ନ ଗୁଡ଼ିକ ପଢ଼ି ଶୁଣାଇବେ। ସାଧାରଣ ନାଗରିକ ନବୀନବାବୁଙ୍କଠାରୁ ଏହାର ଉତ୍ତର ଆଶା କରିବେ। ଆମେ କେବଳ ଗଣମାଧ୍ୟମର ଭୂମିକା ନିଭାଉଛୁ।